
Reliance
Growth is Life
SMART BAZAAR
SMART SUPERSTORE
ଫୁଲ୍ ପଇସା ଅସୁଲ୍ ସେଲ୍
12th - 16th Aug
ଜଲ୍ଦି କରନ୍ତୁ! ଶେଷ 2 ଦିନ
ଶପିଙ୍ଗ ଉପରେ ଫୁଲ୍ ପଇସା ଅସୁଲ୍ ଚାହୁଁଛନ୍ତି?
ସ୍ମାର୍ଟ ବଜାର ଚାଲନ୍ତୁ
Powered by Jio TRUE 5G
ଭୁବନେଶ୍ୱର: ନେକ୍ସସ୍ ଏସପ୍ଲାନେଡ୍ ମଲ୍, ରସୁଲଗଡ଼ • ସିମ୍ଫୋନୀ ମଲ୍, ରୁଦ୍ରପୁର • ଡିଏନ୍ ରେଗାଲିଆ, ପାତ୍ରପଡ଼ା • କ୍ରିଷ୍ଣା ପ୍ଲାଜା, ନୟାପଲ୍ଲୀ • ଫୋରମ ମାର୍ଟ, ସତ୍ୟ ନଗର • ସେଣ୍ଟ୍ରାଲ ବ୍ୟାଙ୍କ ପାଖ, ସାମନ୍ତରାପୁର • ରିଲାଏନ୍ସ ମଲ, ରେଲୱେ ଷ୍ଟେସନ ପ୍ଲାଟଫର୍ମ 1 ନିକଟ, ମାଷ୍ଟର କ୍ୟାଣ୍ଟିନ୍ • ଇସ୍କନ୍ ମନ୍ଦିର ସାମ୍ନା, ନୟାପଲ୍ଲୀ • ରିଲାଏନ୍ସ ଡିଜିଟାଲ ନିକଟ, ପଟିଆ। କଟକ : ଏନଏସସିବି ଆର୍କେଡ୍, ଓଲ୍ଡ ଜେଲ ରୋଡ୍, ଦରଘା ବଜାର • ମୁନିସିପାଲିଟି କାର୍ଯ୍ୟାଳୟ ପଛ ପାର୍ଶ୍ୱ, ଚୌଦ୍ୱାର • ଷ୍ଟୁଆର୍ଟ କଲେଜ ସାମ୍ନା, ବକ୍ସି ବଜାର • କିତାବମହଲ ନିକଟ, କଲେଜ ଛକ • ଇପିକଲ ସର୍କଲ ନିକଟ, ଜଗତପୁର ଯାଜପୁର ରୋଡ୍ : ଉତ୍କଳ ସେଣ୍ଟ୍ରାଲ ପଏଣ୍ଟ, ଚୋର୍ଧା ବାଇପାସ୍, କେନ୍ଦୁଝର : କେଟିଏମ୍ ମଲ, ମାଇନିଂ ରୋଡ୍, ସମ୍ବଲପୁର : ସିଟି ସେଣ୍ଟର, ଫାର୍ମ ରୋଡ୍, ଝାରସୁଗୁଡ଼ା : ଶାନ୍ତି ସିଟି ସେଣ୍ଟର, ସରବହାଲ ରୋଡ୍ ରାଉରକେଲା : ଶାନ୍ତି ଟାୱର, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟ • ପ୍ଲୁଟୋନ୍ ମଲ୍, ଛେଣ୍ଡ କଲୋନୀ ନିକଟ, ଜୟପୁର : ଏସଆର୍ ସେଣ୍ଟ୍ରାଲ ମଲ୍, ମେନ୍ ରୋଡ୍, ପୁରୀ : ଗ୍ରୁ ଏମ୍ପାୟର, ଗ୍ରାଣ୍ଡ ରୋଡ୍, ଯାଜପୁର ରୋଡ୍ : ଚୋର୍ଧା ନିକଟ ବାଇପାସ୍, ଭଦ୍ରକ : ଚାପୁଲିଆ ବାଇପାସ୍, ବାରିପଦା : ଷ୍ଟେସନ୍ ରୋଡ୍, ବାଲେଶ୍ୱର କେଏମବିଏମ୍ ରୋଡ୍, ଝାରସୁଗୁଡା : ବୁଢ଼ାରାଜା ଫ୍ଲାୟଓଭର ନିକଟ, ସରବହାଲ ରୋଡ୍, ସୁନ୍ଦରଗଡ଼ : ହସ୍ପିଟାଲ ରୋଡ୍, ରାଉରକେଲା : ଫୋରମ ଗ୍ୟାଲେରିଆ ମଲ୍, ବରଗଡ : ପ୍ରାଇଭେଟ୍ ବସ ଷ୍ଟାଣ୍ଡ ନିକଟରେ, ବଲାଙ୍ଗୀର : ଭାଗୀରଥୀ ଛକ, ଖୋର୍ଦ୍ଧା : ନୂଆ ବସ ଷ୍ଟାଣ୍ଡ ନିକଟ, ଢେଙ୍କାନାଳ : ଦକ୍ଷିଣକାଳୀ ରୋଡ୍, ଅନୁଗୁଳ : ଦିବ୍ୟା ଜ୍ୟୋତି ଟକିଜ୍, କେନ୍ଦ୍ରାପଡା : ତିନିମୁହାଣୀ ଛକ ନିକଟ, ରାୟଗଡ଼ା : ଭି.କେ ସେଣ୍ଟ୍ରାଲ, ସିମିଳିଗୁଡ଼ା : ମେନ୍ ରୋଡ୍
SMART BAZAAR NOW ON JioMart
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 1 kg
ସଞ୍ଚୟ ₹65
MRP ₹380 ତେଣିକି
ସ୍ମାର୍ଟ ପ୍ରାଇସ୍ ₹315 ତେଣିକି
ବିସ୍କୁଟ୍ 300 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹120 ତେଣିକି / ୟୁନିଟ
ମାଜା 1.2 ℓ
BUY 2 GET 1 FREE
MRP ₹75 ତେଣିକି / ୟୁନିଟ
କ୍ଲୋଜଅପ୍ ରେଡ୍ ଜେଲ୍ ଟୁଥପେଷ୍ଟ 300 g
BUY 1 GET 1 FREE
MRP ₹200 ତେଣିକି / ୟୁନିଟ
ଲକ୍ସ ଜସ୍ମିନ୍ / ଭିଟାମିନ୍ E / ରୋଜ୍ ଏବଂ ଭିଟାମିନ୍ E ସୋପ୍ 150 g x 3 ୟୁନିଟ (ମଲ୍ଟି ପ୍ୟାକ୍)
BUY 1 GET 1 FREE
MRP ₹198 ତେଣିକି / ୟୁନିଟ
ଟାଇଡ୍ 5 kg / ସର୍ଫ ଏକ୍ସେଲ୍ 5 kg / ମ୍ୟାଟିକ୍ 6 kg / ଲିକ୍ୱିଡ୍ 2 ℓ / ଏରିଏଲ୍ ମ୍ୟାଟିକ୍ 4+2 kg / ଲିକ୍ୱିଡ୍ 2 ℓ (TL/FL) (ନିର୍ଦ୍ଦିଷ୍ଟ ପ୍ରକାରର)
33% ଛାଡ଼
MRP ₹430 ତେଣିକି
ସ୍ମାର୍ଟ ପ୍ରାଇସ୍ ₹288 ତେଣିକି
ଚକୋଲେଟ୍ ହୋମ୍ ପ୍ୟାକ୍ କ୍ୟାଡବେରୀ ପର୍କ / 5 ଷ୍ଟାର / ଡେରୀ ମିଲ୍କ / ନେଷ୍ଟଲେ କିଟ୍ କାଟ୍ / ମଞ୍ଚ 123 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹99 ତେଣିକି / ୟୁନିଟ
ଚିଙ୍ଗ'ସ୍ ସିକ୍ରେଟ୍ / ସନ୍‌ଫିଷ୍ଟ ୟିପ୍ପି ମ୍ୟାଜିକ୍ / ଟପ୍ ରାମେନ୍ / ମସାଲା ନୁଡୁଲ୍ସ 240 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹78 ତେଣିକି / ୟୁନିଟ
କୋକାକୋଲା / ସ୍ପ୍ରାଇଟ୍ / ଥମ୍ସ ଅପ୍ 750 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹40 ତେଣିକି / ୟୁନିଟ
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଟ୍ରେସମି / ସନ ସିଲ୍କ / ଲୋରିଅଲ / କ୍ଲିନିକ୍ ପ୍ଲସ୍ ଶାମ୍ପୁ 580ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹555 ତେଣିକି
ସ୍ମାର୍ଟ ପ୍ରାଇସ୍ ₹278 ତେଣିକି
ହ୍ୱିସପର୍ ଅଲ୍ଟ୍ରା କ୍ଲିନ୍ XL 44s / ଷ୍ଟେଫ୍ରୀ ଡ୍ରାଇମାକ୍ସ ପ୍ୟାକ୍ 42s (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹500 ତେଣିକି
ସ୍ମାର୍ଟ ପ୍ରାଇସ୍ ₹250 ତେଣିକି
ହାର୍ପିକ୍ ଅରିଜିନାଲ୍ ଟଏଲେଟ୍ କ୍ଲିନର୍ 600 ml ଲାଇଜଲ୍ ସାଇଟ୍ରସ୍ 625 ml (କିଚେନ୍ ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚୟ ₹52
MRP ₹251
ସ୍ମାର୍ଟ ପ୍ରାଇସ୍ ₹199
ସଫୋଲା ଗୋଲ୍ଡ ରାଇସ୍ ବ୍ରାନ୍ ଏବଂ କର୍ନ ଅଏଲ 3 ℓ + ଦାୱତ ରୋଜାନା ଗୋଲ୍ଡ ବାସମତୀ ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹729
କମ୍ବାଇଣ୍ଡ MRP ₹1250
ସଞ୍ଚୟ ₹521
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g
ସ୍ମାର୍ଟ ପ୍ରାଇସ୍ ₹349/ ₹369
MRP ₹549 / ₹499
ସଞ୍ଚୟ ₹200 / ₹130
ଚକି ଅଟା 5 kg
ସ୍ମାର୍ଟ ପ୍ରାଇସ୍ ₹171
MRP ₹250
ସଞ୍ଚୟ ₹79
ଲୁଜ୍ ସ୍ୱର୍ଣ୍ଣ ରାଇସ 1 kg
ସ୍ମାର୍ଟ ପ୍ରାଇସ୍ ₹34
ବଜାର ମୂଲ୍ୟ ₹47
ଗୁଡ୍ ଲାଇଫ୍ / ଟାଟା ସମ୍ପନ୍ନ ଅନପଲିଶ୍ଡ ଡାଲି
BUY ANY 2 GET ANY 1 FREE
MRP ₹60 ତେଣିକି / ୟୁନିଟ
ହେଲୋ ଲାଇଫ୍ / ଗୁଡ୍ ଲାଇଫ୍ ରିଫାଇନ୍ଡ ସନଫ୍ଲାୱର ଅଏଲ 1 ℓ କିଙ୍ଗସ ଫିଜିକାଲି ରିଫାଇନ୍ଡ ରାଇସ୍ ବ୍ରାନ୍ ଅଏଲ 900 g
ସ୍ମାର୍ଟ ପ୍ରାଇସ୍ ₹99
MRP ₹165 / ₹198 / ₹140
ସଞ୍ଚୟ ₹66 / ₹99 / ₹41
ଅନ୍ନପୂର୍ଣ୍ଣା ଦେଶୀ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹569
MRP ₹680
ସଞ୍ଚୟ ₹111
ରସ୍କ, ଚାଉ, ପନୀର, ଫ୍ରୋଜେନ ଭେଜ୍ ଓ ସ୍ନାକ୍ସ, ଲସି, ଆଇସ୍ କ୍ରିମ୍ ମିଲ୍କ ଡ୍ରିଙ୍କସ, କେକ୍ ଓ ବ୍ୟାଟର 47 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 25% ଛାଡ଼
MRP ₹15 ତେଣିକି
ଜିଓଭାରତ 4G ଫୋନ୍
ସ୍ମାର୍ଟ ପ୍ରାଇସ୍ ₹999
MRP ₹1999
ପୁରୁଷ, ମହିଳା ଓ ପିଲାମାନଙ୍କ ପୋଷାକ
ଆରମ୍ଭ ହେଉଛି ₹149
ପର୍ଯ୍ୟନ୍ତ 60% ଛାଡ଼
Surya flame SINGER
3 ବର୍ନର ଗ୍ଲାସ ଟପ୍ ଗ୍ୟାସ୍ ଷ୍ଟୋଭ୍
ସ୍ମାର୍ଟ ପ୍ରାଇସ୍ ₹1999
MRP ₹7560 ତେଣିକି
TRIDENT WELSPUN
କଟନ୍ ଡବଲ୍ ବେଡ୍‌ସିଟ୍ ପିଲୋ କଭର ସହିତ
ସ୍ମାର୍ଟ ପ୍ରାଇସ୍ ₹799
MRP ₹1999 ତେଣିକି
ARISTOCRAT
3 ପିସ୍ ହାର୍ଡ ଟ୍ରଲି ସେଟ୍ (55 cm / 66 cm / 76 cm)
ସ୍ମାର୍ଟ ପ୍ରାଇସ୍ ₹5999
MRP ₹22000
ସ୍ପ୍ରେ କିମ୍ବା ବ୍ରିଟ୍ ମପ୍ ସହିତ 1 ଏକ୍ସଟ୍ରା ରିଫିଲ୍ ଫ୍ରୀ
ସ୍ମାର୍ଟ ପ୍ରାଇସ୍ ₹499
MRP ₹1299
10% INSTANT DISCOUNT# SBI card
#Min. Trxn.: ₹2,500; Max. Discount: ₹500 per credit card.
Validity: 12 Aug - 16 Aug 2023. T&C Apply.
Jio Win Gold Coins
Grab a chance to WIN 1 gm Gold Coin
Shop for ₹499 & above and book a Jio SIM
Book a JioPlus SIM at ₹99
Buy a JioBharat Phone at just ₹999
T&C apply.
Offers also Available at fresh Signature
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ। ବ୍ୟାଙ୍କିଙ୍ଗ କାର୍ଡ / ୱାଲେଟ୍ ଅଫର୍ସ କେବଳ ସ୍ମାର୍ଟ ବଜାର, ସ୍ମାର୍ଟ ସୁପରଷ୍ଟୋର, ସ୍ମାର୍ଟ ପଏଣ୍ଟ ଏବଂ ଫ୍ରେଶ୍ ସିଗ୍ନେଚରରେ ବୈଧ ଅଟେ। ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ। ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ। ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ। ହୋମୱେୟାର ଏବଂ ଆପାରେଲ୍ସ ଅଫର୍ କେବଳ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପରଷ୍ଟୋର୍‌ରେ ବୈଧ ଅଟେ। ସମସ୍ତ ଉତ୍ପାଦର ଏମଆରପିରେ ସମସ୍ତ ଟିକସ ସାମିଲ ଅଟେ। ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବ। ସମସ୍ତ ଅଫର୍ 16 ଅଗଷ୍ଟ 2023 ପର୍ଯ୍ୟନ୍ତ ବୈଧ ଅଟେ। ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ।

## ଥାନାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା



ପାଣିକୋଇଲି,୧୪।୮ (ବିକାଶ କୁମାର ମଲିକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ପରିବାରର ବାପ ଓ ୩ ପୁଅ,ଝିଅ ମିଶି ପଡ଼ୋଶୀ ଦୁଇ ମହିଳାଙ୍କୁ ଅଶାଳୀନ ବ୍ୟବହାର ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ତରଫରୁ ଯାଜପୁର ଥାନାରେ ଅଭିଯୋଗ କରାଯାଇଥିଲା । ହେଲେ ପୋଲିସ ଅଭିଯୋଗକୁ ଗ୍ରହଣ କରି ଚୁପ ହୋଇ ବସିଛି। ଏହାର ପ୍ରତିବାଦରେ ପୀଡ଼ିତା ଏସ୍‌ପିଙ୍କୁ ଭେଟି ନ୍ୟାୟ ପ୍ରଦାନ ଲାଗି ଅନୁରୋଧ କରିଛନ୍ତି।

ଅଭିଯୋଗକାରିଣୀ ଯାଜପୁର ଥାନା ପଳସା ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମର ରବିନ୍ଦ୍ର ଜେନାଙ୍କ ସ୍ତ୍ରୀ ମନୋରମା ଓ ତାଙ୍କ ସାନଭଉଣୀ ତିଳୋତ୍ତମାଙ୍କୁ ସେହି ଗ୍ରାମର ବିଷ୍ଣୁ ଜେନା ଓ ତାଙ୍କର ୨ ପୁଅ ପ୍ରଦୀପ ଓ ଜଗୁଙ୍କ ସମେତ ଝିଅ ଚିନ୍ମୟୀ ଗତ୧୧ ତାରିଖ ଦିନ ଆଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ମନୋରମାଙ୍କ ସାନ ଭଉଣୀ ତାଙ୍କ ପୁଅକୁ ପଡ଼ୋଶୀ ଘରକୁ ଆଣିବା ଲାଗି ଯାଇଥିବା ବେଳେ ପ୍ରଦୀପ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମନୋରମା ଉକ୍ତ ଆକ୍ରମଣ ଘଟଣାକୁ ନିଜ ମୋବାଇଲରେ ସୁଟିଂ କରୁଥିବା ବେଳେ ପ୍ରଦୀପ ତାଙ୍କ ସାନଭଉଣୀକୁ ଛାଡ଼ି ତାଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ମନୋରମା ଯାଜପୁର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇଥିଲା । ହେଲେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉନାହିଁ। ଥାନାରୁ ନ୍ୟାୟ ନ ପାଇ ମନୋରମା ସୋମବାର ଏସ୍‌ପିଙ୍କୁ ଭେଟି ନ୍ୟାୟ ପ୍ରଦାନ ଲାଗି ନିବେଦନ କରିଛନ୍ତି।

## ଷଣ୍ଢ ବୋଝେଇ ଗାଡ଼ି ଜବତ ଘଟଣାରେ ୪ କୋର୍ଟ ଚାଲାଣ

ପାଣିକୋଇଲି,୧୪।୮ (ବିକାଶ କୁମାର ମଲିକ)

୨ ପିକଅପ୍ ଭ୍ୟାନରେ ଷଣ୍ଢ ଚାଲାଣ ଘଟଣାରେ ପାଣିକୋଇଲି ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜପଥରେ ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏହ ଗାଡ଼ିକୁ ଧରିବାକୁ ସକ୍ଷମ ହୋଇଥିଲା । ଗାଡ଼ି ଦୁଇଟିକୁ ପୋଲିସ ଜବତ କରିଛି । ଚାଲାଣ ହେଉଥିବା ୩୦ରୁ ଊର୍ଦ୍ଧ୍ୱ ଷଣ୍ଢକୁ ଛାଡ଼ି ଦେଇଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୧୯/୨୩)ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନାପୁର ଜିଲା ଆଗ୍ରା ଥାନା ଅନ୍ତର୍ଗତ ପୁରୁଷୋହମାପୁର ଗ୍ରାମର ମଙ୍ଗଳ ମଲିକ(୩୮), ଜୁରୁଦା ଥାନା ଅନ୍ତର୍ଗତ ଦିବାକର କାମିଲୟ (୩୮), ମରିସଦା ଥାନା ଅନ୍ତର୍ଗତ ବଳପୁର ଗ୍ରାମର ସଞ୍ଜୀବ ଜେନା (୩୭), ଦନ୍ତନ ଥାନା ଅଞ୍ଚଳର ଅଂଶୁମାନ ବାରାଦି(୩୫) ।




























## ନିମନ୍ତ୍ରଣପତ୍ରରେ ତ୍ରୁଟି

ନୟାଗଡ଼,୧୪।୮
(ଲୋକନାଥ ମିଶ୍ର)

ନୟାଗଡ଼ରେ ଜିଲାସ୍ତରୀୟ ୭୬ ତମ ସ୍ୱାଧୀନତା ଦିବସ ପିଟିଏସ୍ ପଡ଼ିଆରେ ଅଗଷ୍ଟ ୧୫ରେ ହେବ। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପତାକା ଉତ୍ତୋଳନ କରିବା ସହ ପାରେଡ ଅଭିବାଦନ ଗ୍ରହଣ କରିବେ। ତେବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯେଉଁ ନିମନ୍ତ୍ରଣ ପତ୍ର ଛପା ଯାଇଛି ସେଥିରେ ଆଜାଦ କି ଅମ୍ରିତ ମହୋତ୍ସବ ଲେଖାରେ ତ୍ରୁଟି ରହିଛି। ମହୋତ୍ସବ ସ୍ଥାନରେ ମହୋତସବ ଲେଖା ଯାଇଛି । ଏଭଳି ତ୍ରୁଟି ପାଇଁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖ ପ୍ରକାଶ କରିନାହାନ୍ତି। ତେବେ ନିମନ୍ତ୍ରଣପତ୍ରର ତ୍ରୁଟି ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନା ଆରମ୍ଭ ହୋଇ ସାରିଲାଣି।

## ବିଦେଶୀ ମଦ ଜବତ, ଜଣେ ଗିରଫ

ଭାପୁର,୧୪।୮
(ଭରତ କୁମାର ବେହେରା)

ଫତେଗଡ ଥାନା ପଦ୍ମାବତୀ ଗ୍ରାମରୁ ବିଦେଶୀ ମଦ ଜବତ ସହ ଜଣେ ବ୍ୟକ୍ତି କୋର୍ଟ ଚାଲାଣ କରାଯାଇଛି। କୌଣସି ସୂତ୍ରରୁ ପୋଲିସ ସୂଚନା ପାଇଲା ଯେ, ପଦ୍ମାବତୀ ଗାଁର ରମେଶ କୁମାର ନାୟକ (୪୦) ଚୋରାରେ ମଦ ବିକ୍ରି କରୁଛନ୍ତି। ଆଇଆଇସି ସୁଜିତ କୁମାର ଦାଶଙ୍କ ନିର୍ଦ୍ଦେଶରେ ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ଏଏସ୍ଆଇ ଏ.କେ. ଗୁମାନସିଓ, ରମେଶ ଚନ୍ଦ୍ର ନାୟକଙ୍କ ଦୋକାନ ଉପରେ ଚଢ଼ାଉ କରିଥିଲେ। ଦୋକାନ ଭିତରୁ ପ୍ରାୟ ବିଭିନ୍ନ ପ୍ରକାରର ୧୨ ଲିଟର ବିଦେଶୀ ମଦ ଜବତ କରିଥିଲେ। ଏ ନେଇ ଥାନରେ ନଂ. ୧୮୨/୨୩ରେ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚାରିକାନ୍ଥରେ ଆବଦ୍ଧ ରହିଗଲା ସଚେତନତା

**ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ବାଟବଣା**

**ନୟାଗଡ଼,୧୪।୮(ଲୋକନାଥ ମିଶ୍ର):** ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଜରିଆରେ ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ, ଯକ୍ଷ୍ମା ଓ କୁଷ୍ଠ ରୋଗ ଉପରେ ସଚେତନତା ଜୁଲାଇ ୧୦ରୁ ଅଗଷ୍ଟ ୮ରେ ଶେଷ ହୋଇଛି। ଏହି ସଚେତନତାରେ ରୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଥିଲା। ସ୍ୱାସ୍ଥ୍ୟ ବିଭାଗର ସଚେତନତା କେଉଁଠି କେତେବେଳେ କରାଗଲା ଜଣାପଡିଲାନି । ଯାହାକି ଚାରକାନ୍ଥ ମଧ୍ୟରେ ରହି ପ୍ରହସନ ପାଳିଥିବା ଅଭିଯୋଗ ଉଠିଛି । ଜିଲାରେ ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ, ଯକ୍ଷ୍ମା ଓ କୁଷ୍ଠ ସଚେତନତା ଶେଷ ହୋଇଥିଲେ ମଧ୍ୟ ଗଣମାଧ୍ୟମକୁ ଅବଗତ କରାଗଲା ନାହିଁ। ସହର ହେଉ କି ଗାଁ ଅଧିକାଂଶ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀଙ୍କ ପାଦ ପଡୁନି। ଏହାର ନିରାକରଣ ପାଇଁ ଲୋକଙ୍କ ପାଖରେ ବାର୍ତ୍ତା ଅପହଞ୍ଚ ହୋଇ ରହିଗଲା।



























